ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

କୋଭିଡ୍-୧୯ ପି.ଆର୍. ନଂ-୪୯
ଅପରାହ୍ଣ-୪.୩୦ ଘଟିକା

# ପ୍ରେସ୍ ବିବୃତି

ଭୁବନେଶ୍ୱର : ୦୧ ମଇ, ୨୦୨୦

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)ର ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଓଡ଼ିଶା ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ଶ୍ରୀ ସୁବ୍ରତ ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

- 'ମଇ ଦିବସ' ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ଶ୍ରମିକ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ, ଶ୍ରମଜୀବୀମାନଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ରାଜ୍ୟ ସରକାର ଦୃଢ଼ ପ୍ରତିବଦ୍ଧ ଅଛନ୍ତି । କାର୍ଯ୍ୟକ୍ଷେତ୍ରରେ ସାମାଜିକ ଦୂରତା ବଜାୟ ସହ ସମସ୍ତ ସରକାରୀ ନିୟମ କଡ଼ାକଡ଼ି ପାଳନ ପାଇଁ ସେ ଆହ୍ୱାନ ଦେଇଛନ୍ତି ।
- କୋଭିଡ୍-୧୯ ଲକ୍ ଡାଉନ୍ ପରିପ୍ରେକ୍ଷୀରେ ଆମ ରାଜ୍ୟରେ କାମ କରୁଥିବା ପ୍ରାୟ ୯୦,୦୦୦ ଅତିଥି ଶ୍ରମଜୀବୀଙ୍କୁ ୨୭୦୦ ଶିବିରରେ ରଖାଯିବା ସହ ସେମାନଙ୍କୁ ଖାଦ୍ୟ, ସ୍ୱାସ୍ଥ୍ୟସେବା, ସାମାଜିକ-ମନସ୍ତାତ୍ତ୍ୱିକ ପରାମର୍ଶ ଯୋଗାଇଦେବା ସହିତ ସେମାନଙ୍କର ଉତ୍ତମ ଯତ୍ନ ନିଆଯାଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି ।
- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଶ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ସହ ଆଲୋଚନା କରି ତାମିଲନାଡୁରେ ଅଟକି ରହିଥିବା ଓଡ଼ିଆମାନଙ୍କ ଉପଯୁକ୍ତ ଯତ୍ନ ନେଇଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି । ତାମିଲନାଡୁରୁ ଓଡ଼ିଶା ଫେରିବାକୁ ଚାହୁଁଥିବା ଓଡ଼ିଆ ଲୋକମାନଙ୍କୁ ନିରାପଦରେ ପଠେଇବାର ସୁବ୍ୟବସ୍ଥା କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ତାମିଲନାଡୁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ କାମନା କରିଛନ୍ତି । ତାମିଲନାଡୁ ସରକାର ଏ ଦିଗରେ ସବୁ ସହଯୋଗ ଯୋଗାଇଦେବେ ବୋଲି ଶ୍ରୀ ପାଲାନିସ୍ୱାମୀ ପ୍ରତିଶ୍ରୁତି ଦେଇଛନ୍ତି । ମାନ୍ୟବର କେନ୍ଦ୍ର ପେଟ୍ରୋଲିୟମ୍ ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ଭିଡ଼ିଓ କନ୍‌ଫରେନ୍ସରେ ଯୋଗ ଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହା ପୂର୍ବରୁ ଗୁଜରାଟ ଓ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ଚେନ୍ନାଇର ଗୁରୁ ନାନକ କଲେଜ୍‌ରେ କରାଯାଇଥିବା ଶିବିରରେ ରହିଥିବା ଓଡ଼ିଆମାନେ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ କଥା ହୋଇ ତାମିଲନାଡୁ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ ।

- ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଲୋକମାନେ ନିଜ ନିଜ ରାଜ୍ୟକୁ ଫେରିବା ନିମନ୍ତେ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି । ଏହି ଆଧାରରେ ଓଡ଼ିଶାକୁ ବିଭିନ୍ନ ପ୍ରଦେଶରୁ ଫେରିବାକୁ ଚାହୁଁଥିବା ଛାତ୍ରଛାତ୍ରୀ, ଶ୍ରମଜୀବୀ, ବୃତ୍ତିଜୀବୀ, ତୀର୍ଥଯାତ୍ରୀ ଏବଂ ସାଧାରଣ ଲୋକଙ୍କ ପାଇଁ ରାଜ୍ୟ ସରକାର ଏକ ଗାଇଡ଼ଲାଇନ୍ ପ୍ରସ୍ତୁତ କରିଛନ୍ତି । ଓଡ଼ିଶାକୁ ଫେରିବା ନିମନ୍ତେ covid19.odisha.gov.in ପୋର୍ଟାଲ୍‌ରେ ପଂଜୀକରଣ କରିବା ବାଧ୍ୟତାମୂଳକ । ଇତି ମଧ୍ୟରେ ବହୁସଂଖ୍ୟକ ଲୋକ ଓଡ଼ିଶା ଫେରିବା ନିମନ୍ତେ ପଂଜୀକରଣ କରିଛନ୍ତି ଏବଂ ସରକାରଙ୍କ ଦ୍ୱାରା ଏହି ଆବେଦନଗୁଡ଼ିକ ଯାଞ୍ଚ କରାଯାଉଛି । ଲୋକମାନେ ସଡ଼କ ଏବଂ ରେଳପଥ ଏହି ଦୁଇଟି ମାଧ୍ୟମରେ ଓଡ଼ିଶାକୁ ଫେରିପାରିବେ ।

- କେନ୍ଦ୍ର ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶନାମା ଅନୁଯାୟୀ ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ଫେରୁଥିବା ଲୋକମାନଙ୍କର ସଂପୃକ୍ତ ରାଜ୍ୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଉଭୟ ସଡ଼କ ଓ ରେଳପଥରେ ଆସୁଥିବା ଲୋକମାନଙ୍କ ପାଇଁ ଏହା ବାଧ୍ୟତାମୂଳକ ।

- ଯେଉଁମାନେ ସଡ଼କ ପଥରେ ଫେରିବେ ସେମାନେ ପଂଜୀକରଣ କରିବା ପରେ ସଂପୃକ୍ତ ରାଜ୍ୟର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ନିକଟରୁ ପାସ୍ ନେବେ । ସଡକ ପଥରେ ଆସିବା ପାଇଁ ଓଡ଼ିଶାର ୧୧ଟି ଚେକ୍ ପଏଣ୍ଟକୁ ଚିହ୍ନଟ କରାଯାଇଛି । ସେଗୁଡ଼ିକ ହେଉଛି ବୀରମିତ୍ରପୁର(ସୁନ୍ଦରଗଡ଼), ଚମ୍ପୁଆ (କେନ୍ଦୁଝର), ଚାନ୍ଦିଲୀ (କୋରାପୁଟ), ଗିରିଶୋଳା (ଗଞ୍ଜାମ), କେରେଡ଼ା (ରାୟଗଡ଼ା), ମୋଟୁ (ମାଲକାନଗିରି), ସୁଙ୍କି (କୋରାପୁଟ) । ଏହି ଚେକ୍‌ଗେଟ୍‌ଗୁଡ଼ିକରେ କ୍ୟାମ୍ପ ଅଫିସ୍ ଖୋଲାଯିବା ସହ ସଡ଼କ ପରିବହନ କର୍ତ୍ତୃପକ୍ଷ ଏବଂ ମେଡିକାଲ୍ ଟିମ୍ ଯାଞ୍ଚ ପାଇଁ ନିୟୋଜିତ ରହିଛନ୍ତି । ଏଠାରେ ତାଙ୍କର ପାସ୍ ଓ ପଂଜୀକରଣ ବିବରଣୀ ଯାଞ୍ଚ କରାଯିବ । ଯେଉଁମାନେ ପୂର୍ବରୁ ପଂଜୀକରଣ କରିନଥିବେ ସେମାନେ ଚେକ୍ ପଏଣ୍ଟରେ ଥିବା କ୍ୟାମ୍ପ ଅଫିସ୍‌ରେ ପଂଜୀକରଣ କରିପାରିବେ । ଯାନରେ ଆସୁଥିବା ସମସ୍ତଙ୍କର ବିବରଣୀ ଥାଇ ଏକ ଟ୍ରାଞ୍ଜିଟ୍ ପାସ୍ ଯାନର ସମ୍ମୁଖରେ ଲଗାଯିବ, ଏହା ପରମିଟ୍ ଭାବେ ବିବେଚିତ ହେବ । ଚେକ୍ ପଏଣ୍ଟରେ ଭିଡ଼ କମାଇବା ପାଇଁ ପୂର୍ବରୁ ପଂଜୀକରଣ କରି ଓଡ଼ିଶା ଆସିବା ପାଇଁ ସରକାରଙ୍କ ଦ୍ୱାରା ଅନୁରୋଧ କରାଯାଇଛି ।

- ଯେଉଁମାନେ ଟ୍ରେନ୍‌ରେ ଫେରିବେ ସେମାନେ ସଂପୃକ୍ତ ରାଜ୍ୟରୁ ବାହାରିବା ପୂର୍ବରୁ ପଂଜୀକରଣ କରିବେ । ଓଡ଼ିଶାର କେତୋଟି ନିର୍ଦ୍ଦିଷ୍ଟ ଷ୍ଟେସନ୍‌ରେ ହିଁ ଟ୍ରେନ୍ ରହିବ । ଓଡ଼ିଶା ସରକାରଙ୍କ ବିନା ଅନୁମତିରେ କୌଣସି ଟ୍ରେନ୍ ଓଡ଼ିଶାକୁ ପ୍ରବେଶ କରିପାରିବ ନାହିଁ ।

- ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଉଭୟ ସ୍ଥାନରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କଡ଼ାକଡ଼ି ଭାବେ ପାଳନ କରାଯିବ । ସହରାଞ୍ଚଳରେ ମୁନିସିପାଲ୍ କମିଶନରଙ୍କ ଦ୍ୱାରା ଦାୟିତ୍ୱପ୍ରାପ୍ତ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ସ୍ଥଳେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିପାରିବେ । ସୁବିଧା ନଥିଲେ ସରକାରଙ୍କ ଦ୍ୱାରା ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ଅଥବା ନିଜ ଖର୍ଚ୍ଚରେ ସ୍ୱୀକୃତିପ୍ରାପ୍ତ ହୋଟେଲ୍ ବା ଲଜ୍‌ରେ ରହିପାରିବେ । ଗ୍ରାମାଞ୍ଚଳ ପାଇଁ ୨

ଲକ୍ଷ ୬୦ ହଜାର ଶଯ୍ୟା ସମ୍ବଳିତ କ୍ୱାରାଣ୍ଟାଇନ୍ ସେଣ୍ଟର ପ୍ରସ୍ତୁତ କରାଯାଇଛି । ଗ୍ରାମାଞ୍ଚଳକୁ ଫେରୁଥିବା ଲୋକମାନେ ଏହିଠାରେ ୧୪ ଦିନ ରହିବେ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ତଦାରଖ କରାଯିବ ।

- ବର୍ଡର ଚେକ୍ ପଏଣ୍ଟଠାରେ ଫେରୁଥିବା ଲୋକମାନଙ୍କ ହାତରେ ତାରିଖ ଥାଇ ଅଲିଭା କାଳିରେ ଷ୍ଟାମ୍ପିଂ କରାଯିବ ଏବଂ ଯେଉଁମାନେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ ସେମାନଙ୍କ ଘର ଆଗରେ ମଧ୍ୟ ଷ୍ଟିକର ଲଗାଯିବ । ମେଡିକାଲ୍ ଟିମ୍ ନିୟମିତ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ତଦାରଖ କରିବେ ଓ ଲକ୍ଷଣ ଥିବା ଲୋକମାନଙ୍କ କୋଭିଡ୍ ପରୀକ୍ଷା କରାଇବେ ।

- ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅତ୍ୟନ୍ତ ବ୍ୟବସ୍ଥିତ ଉପାୟରେ କୋଭିଡ୍‌ର ମୁକାବିଲା କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି । ତେଣୁ ଯେଉଁମାନେ ଏହି ନିୟମର ଉଲ୍ଲଂଘନ କରିବେ ସେମାନଙ୍କ ବିରୁଦ୍ଧରେ ମହାମାରୀ ଆଇନ, ବିପର୍ଯ୍ୟୟ ପରିଚାଳନା ଆଇନ ଏବଂ ଭାରତୀୟ ପିଙ୍ଗଳ କୋର୍ଡର ବିଭିନ୍ନ ଧାରା ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସରକାରଙ୍କ ଗାଇଡ୍ ଲାଇନ୍ ଠିକ୍ ଭାବରେ ଅନୁପାଳନ କଲେ ପୂର୍ବ ଘୋଷଣା ଅନୁସାରେ ୨୦୦୦ ଟଙ୍କା ପ୍ରଦାନ କରାଯିବ ।

- ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମହାରାଷ୍ଟ୍ର, ଗୁଜରାଟ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସରେ ଏହି ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ମୁଖ୍ୟ ଶାସନ ସଚିବ ମଧ୍ୟ ପ୍ରତ୍ୟେକ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସହ ସମନ୍ୱୟ ରକ୍ଷା କରୁଛନ୍ତି । ରାଜ୍ୟର ପ୍ରତ୍ୟେକ ଜିଲ୍ଲା ପାଇଁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ତେଣୁ ଓଡ଼ିଶାର ଭାଇଭଉଣୀମାନେ ସୁରକ୍ଷିତ ଭାବେ ଓଡ଼ିଶା ଫେରି ନିଜର, ପରିବାର ଓ ନିଜ ଅଞ୍ଚଳର ସମସ୍ତଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଯତ୍ନବାନ ହେବାକୁ ସରକାରଙ୍କ ତରଫରୁ ଅନୁରୋଧ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଏ ସଂପର୍କିତ ନିର୍ଦ୍ଦେଶନାମା ଜାରି କରାଯାଇଛି ।

- ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ରୋଗ ନିରୀକ୍ଷଣ ତଥା ବିଭିନ୍ନ ଇଲାକାରେ ସଂକ୍ରମଣ ପ୍ରତିରୋଧ କାର୍ଯ୍ୟକଳାପକୁ ଦୃଢ଼ୀଭୂତ କରିବା ପାଇଁ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମସ୍), ଭୁବନେଶ୍ୱର ପକ୍ଷରୁ ତ୍ୱରିତ କ୍ରିୟାନୁଷ୍ଠାନ ପାଇଁ ଦୁଇଟି ଦଳଙ୍କୁ ପଠାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦର୍ଶାଯାଇଛି ।

- ନିକଟରେ ପଶ୍ଚିମବଙ୍ଗରୁ ଫେରିଥିବା ଲୋକମାନେ ନିଃସଙ୍କୋଚରେ କୋଭିଡ୍-୧୯ ପରୀକ୍ଷଣ ପାଇଁ ଆଗେଇ ଆସିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଅନୁରୋଧ କରାଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମାନେ ସୁସ୍ଥ ଜଣାଯାଉଥିଲେ ମଧ୍ୟ ସଂକ୍ରମିତ ହୋଇଥାଇ ପାରନ୍ତି ଏବଂ ସେମାନଙ୍କ ଜରିଆରେ ସଂକ୍ରମଣ ବ୍ୟାପିପାରେ । ସେମାନେ ନିଜର କୋଭିଡ୍ ପରୀକ୍ଷଣ ପାଇଁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ତହସିଲଦାର/ସରପଞ୍ଚଙ୍କ ସହ ଯୋଗାଯୋଗ କରିବା ଏବଂ ଘରୋଇ ସଙ୍ଗରୋଧରେ ରହିବା ପାଇଁ ଅନୁରୋଧ କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ୍-୧୯ ପରୀକ୍ଷଣ ବିନାମୂଲ୍ୟରେ କରାଯାଉଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- କୋଭିଡ୍-୧୯ ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ୬୭୯୮ ଗ୍ରାମ ପଞ୍ଚାୟତରେ ୭୨୯୧ ଟି ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସ୍ଥାପିତ ହୋଇଛି । ଏଥିରେ ମୋଟ ୧,୮୨,୫୫୮ ଶଯ୍ୟାର ବ୍ୟବସ୍ଥା କରାଯାଇଛି ।

- ଆଜି ରାଜ୍ୟର ୫୩୯୪ ଗ୍ରାମ ପଞ୍ଚାୟତରେ ୩,୪୧,୩୧୪ ଜଣ ନିରାଶ୍ରୟ ଓ ଅସହାୟ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି । ସେହିପରି ୧୧୪ ଟି ପୌରାଞ୍ଚଳରେ ୩୯,୭୪୪ ଜଣଙ୍କୁ ରନ୍ଧାଖାଦ୍ୟ ଦିଆଯାଇଛି ।

- ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଅପ୍ରେଲ ୩୦ରୁ ମଇ ୧ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ୩୨ଟି ମାମଲା ଦାୟର କରାଯାଇଛି । ସେଥିରୁ ୩୧ଟି ମାମଲା ଲକ୍ ଡାଉନ୍ ସଂପର୍କିତ ହୋଇଥିବାବେଳେ ୧ଟି ହୋମ୍ କ୍ୱାରାଣ୍ଟାଇନ୍ ପାଇଁ ଅଟେ । ବିଭିନ୍ନ ଅଭିଯୋଗରେ ୮୨ ଜଣଙ୍କୁ ଗିରଫ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୩୪୧୩୩ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୧୪୮ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୫୫ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ଜଣେ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୯୨ ରହିଛି ।
- ୨୦୩ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ଅଛନ୍ତି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**